# ଗଣମାଧ୍ୟମ ଓ ରାଜନୀତି

**ବୀରେନ୍ଦ୍ର ନାୟକ**

ଏହି ବିଷୟବସ୍ତୁଟି ବେଶ୍ ବ୍ୟାପକ ଓ ଗଭୀର । ଅଥଚ ଜଣେ ସାଧାରଣ, ସଚେତନ ନାଗରିକ ଏହି ଦୁଇଟି ଅର୍ଥାତ୍ 'ଗଣମାଧ୍ୟମ' ଓ 'ରାଜନୀତି' ସହ ସବୁବେଳେ ମୁହାଁମୁହିଁ ହେଉଛି । ଗଣମାଧ୍ୟମରୁ ହିଁ ସେ ରାଜନୀତି ବିଷୟରେ ଜାଣୁଛି । ଖବରକାଗଜ, ରେଡିଓ ଟେଲିଭିଜନ, ୱେବ୍‌ପତ୍ରିକା, ଫେସବୁକ, ଟୁଇଟର, ହ୍ୱାଟସ୍ ଆପ୍ ଆଦି ହିଁ ରାଜନୀତି ସମ୍ପର୍କରେ ଜାଣିବାର ହେଉଛନ୍ତି ମାଧ୍ୟମ । ଯେଉଁମାନେ ବିଶେଷଜ୍ଞ, ସେମାନେ ରାଜନୀତି ସମ୍ପର୍କରେ ଦାର୍ଶନିକ ପ୍ଲାଟୋଙ୍କ 'ରିପବ୍ଲିକ' ବା ଆରିଷ୍ଟୋଟଲଙ୍କର 'ପଲିଟିକ୍ସ'ରୁ ଉଦ୍ଧାର କରି ରାଜନୀତିର ମୂଳ ପରିଭାଷାକୁ ଯିବେ । କିନ୍ତୁ ଆମେ ଯେଉଁମାନେ ସାଧାରଣ ଲୋକ, ସେମାନଙ୍କ ପାଇଁ ରାଜନୀତି ହେଉଛି ଦଳୀୟ ରାଜନୀତି, କ୍ଷମତା ରାଜନୀତି, ନିର୍ବାଚନୀ ରାଜନୀତି ବା ଭୋଟ ରାଜନୀତି; ଏ ସବୁଗୁଡ଼ିକ ପରସ୍ପର ସହ ଜଡ଼ିତ । ଦଳପାଇଁ ନିର୍ବାଚନ ପ୍ରକ୍ରିୟାରେ ଭୋଟ ସଂଗ୍ରହ ଓ ଲକ୍ଷ୍ୟ କ୍ଷମତା ହାସଲ । କିନ୍ତୁ କ୍ଷମତାସୀନ ରାଜନୈତିକ ଦଳଠାରୁ ଆମେ ସେହି ବ୍ୟକ୍ତିସମୂହଙ୍କ ବିରୋଧରେ ରାଜନୀତି କରୁଛନ୍ତି ବୋଲି ଅଭିଯୋଗ ଶୁଣୁ ଯେଉଁ ବ୍ୟକ୍ତିସମୂହ ଗୁଡ଼ିକ ନିଜର ଜୀବନ ଜୀବିକା ପାଇଁ ଲଢୁଥାନ୍ତି, ନିଜର ଭିଟାମାଟି ପାଇଁ ଲଢୁଥାନ୍ତି, ନିଜର ଅସ୍ତିତ୍ୱ ପାଇଁ ଲଢୁଥାନ୍ତି । ରାଜନୀତିର ଯଦି ପରିଭାଷା ହୁଏ ନିଷ୍ପ ି ନେବାର ଏକ ପ୍ରକ୍ରିୟା , ଯାହା ଗୋଟିଏ ଗୋଷ୍ଠୀ ତା' ନିଜପାଇଁ ନେଇଥାଏ, ତାହାହେଲେ ଭିଟାମାଟି ପାଇଁ ଲଢୁଥିବା ବ୍ୟକ୍ତିସମୂହ ରାଜନୀତି କରୁଛନ୍ତି ବୋଲି କୁହାଯିବ, ଯେପରି କ୍ଷମତାସୀନ ଦଳ କର୍ପୋରେଟ ସ୍ୱାର୍ଥରେ ଏହି ବ୍ୟକ୍ତିସମୂହକୁ ତା' ଭିଟାମାଟିରୁ ଉଚ୍ଛେଦ କରିବା ପାଇଁ ନିଷ୍ପ ି ନେବା ପ୍ରକ୍ରିୟାକୁ ରାଜନୀତି କରିବା କୁହାଯିବ । କିନ୍ତୁ ବିଡ଼ମ୍ବନା ହେଉଛି ଯେ କ୍ଷମତାସୀନ ରାଜନୈତିକ ଦଳର ଉଚ୍ଛେଦକାରୀ ରାଜନୀତିକୁ ଓ ଉଚ୍ଛେଦ ବିରୋଧରେ ଲଢୁଥିବା ବ୍ୟକ୍ତିସମୂହର ରାଜନୀତିକୁ ସମାନ ଦୃଷ୍ଟିରେ ଦେଖାଯାଏ ନାହିଁ, ଉଚ୍ଛେଦକାରୀଙ୍କ ରାଜନୀତି ସକାରାତ୍ମକ ହୁଏ, ଉଚ୍ଛେଦ ବିରୋଧୀଙ୍କ ରାଜନୀତି ନକାରାତ୍ମକର ଅପବାଦ ପାଏ । ତେଣୁ ରାଜନୀତି ସମ୍ପର୍କରେ ନକାରାତ୍ମକ ବା ସକାରାତ୍ମକ ଧାରଣା ଆମ ମନରେ ଯାହା ସୃଷ୍ଟି ହୁଏ, ତାହା ଗଣମାଧ୍ୟମ ଯୋଗୁଁ । କହିବା ବାହୁଲ୍ୟ ଯେ ନାଗରିକ ପାଖରେ ରାଜନୈତିକ ଦଳଗୁଡିକ ବା ରାଜନୈତିକ ବ୍ୟକ୍ତି ମାନଙ୍କର ସେମାନଙ୍କର ଉଚ୍ଚାରଣ ଓ ଆଚରଣ ପହଂଚାଇବାର ଆବଶ୍ୟକତାକୁ ପୂରଣ କରେ ଗଣମାଧ୍ୟମ । ତେଣୁ ରାଜନୀତି ପାଇଁ ଗଣମାଧ୍ୟମ ନିହାତି ଆବଶ୍ୟକ । ଅପରପକ୍ଷରେ ଗଣମାଧ୍ୟମ ପାଇଁ ମଧ୍ୟ ରାଜନୀତି ଆବଶ୍ୟକ । କାରଣ ରାଜନୈତିକ କାର୍ଯ୍ୟକଳାପ ହିଁ ତାହାର ସମ୍ବାଦର ଆଧାର ହୁଏ ଓ ନାଗରିକ ପ୍ରତି ତାହାର କ ର୍ବ୍ୟ ଏହା ଦ୍ୱାରା ସେ ସମ୍ପାଦନ କରିଥାଏ । ଗଣମାଧ୍ୟମ ହିଁ ରାଜନେତା ବା ସରକାରଙ୍କୁ ଲୋକଙ୍କ ପାଖରେ ଉ ରଦାୟୀ (accountable) କରାଏ ।

***ବୃଦ୍ଧିର ଦୃଶ୍ୟପଟ୍ଟ***

ଏହା ହିଁ ବୋଧହୁଏ କାରଣ ଯେ ରାଜନୈତିକ ଦଳମାନଙ୍କ ସଂଖ୍ୟାରେ ବୃଦ୍ଧି ସହିତ ଗଣମାଧ୍ୟମରେ ଏକ ବିରାଟ ବିସ୍ତାର ଦେଖାଯାଏ । ନିର୍ବାଚନ କମିଶନର ଏକ ପ୍ରକାଶନ ଅନୁସାରେ (୧୩ ଡିସେମ୍ବର ୨୦୧୬ ଏବଂ ୫ ମଇ ୨୦୧୭) ପଂଜୀକୃତ ରାଜନୈତିକ ଦଳମାନଙ୍କର ସଂଖ୍ୟା ହେଉଛି ୧୮୪୧ (୭ଟି ଜାତୀୟ ଦଳ, ୪୯ଟି ପ୍ରାଦେଶିକ ଦଳ ଓ ଅବଶିଷ୍ଟ ୧୭୮୫ଟି ଅଣସ୍ୱୀକୃତ ଦଳ (ନିଜ ଦଳର ଚିହ୍ନରେ ଲଢି ପାରିବେ ନାହିଁ) କିପରି ସଂଖ୍ୟାରେ ବୃଦ୍ଧି ହୋଇଛି ତାହାର ନଜିର ହେଉଛି, ୨୦୦୪ ଲୋକସଭା ନିର୍ବାଚନରେ ୨୩୦ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ, ୨୦୦୯ ନିର୍ବାଚନରେ ଏହି ସଂଖ୍ୟା ୩୬୩କୁ ବୃଦ୍ଧି ପାଇଥିଲା ଓ ୨୦୧୪ ନିର୍ବାଚନରେ ଏହା ୪୬୪ରେ ପହଂଚିଥିଲା । ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ପ୍ରଥମ ନିର୍ବାଚନରେ(୧୯୫୧) ମାତ୍ର ୫୩ଟି ରାଜନୈତିକ ଦଳ ଅଂଶ ଗ୍ରହଣ କରିଥିଲେ । ବ ର୍ମାନ ଦେଖାଯାଉ ଗଣମାଧ୍ୟମର ଏକ ଅତ୍ୟନ୍ତ ଦୃଶ୍ୟମାନ ଅଂଶ ଟେଲିଭିଜନ ଚ୍ୟାନେଲ ଗୁଡିକରେ କିପରି

ବିସ୍ତାର ହୋଇଛି । ୧୯୯୨ରେ ମାତ୍ର ଦୁଇଟି ଚ୍ୟାନେଲ ଥିଲା , ତାହା ପୁଣି ସରକାରୀ ନିୟନ୍ତ୍ରଣରେ । ୨୦୦୪ରେ ୧୯୫, ୨୦୦୫ରେ ୨୪୭, ୨୦୦୬ରେ ୩୦୧, ୨୦୦୭ରେ ୨୯୨, ୨୦୦୮ରେ ୩୬୧, ୨୦୦୯ରେ ୩୯୮, ୨୦୧୦ରେ ୩୯୯ ଓ ୨୦୧୧ରେ ୪୨୩ । ୩୧/୫/୨୦୧୭ସୁଦ୍ଧା, ଭାରତ ସରକାରଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଘରୋଇ ଟିଭି ଚ୍ୟାନେଲର ସଂଖ୍ୟା ଜୁନ ୨୦୧୭ ସୁଦ୍ଧା ୮୮୩ ଯାହା ଭିତରେ ସମ୍ବାଦ ଚ୍ୟନେଲର ସଂଖ୍ୟା ହେଉଛି ୩୮୮ । ସମ୍ବାଦପତ୍ର ସଂଖ୍ୟାରେ ମଧ୍ୟ ବେଶ୍ ବୃଦ୍ଧି ଦେଖା ଦେଇଛି । ୧୯୫୦ ଦଶକରେ ୨୧୪ଟି  ଦୈନିକ ପ୍ରକାଶ ପାଉଥିବାବେଳେ, ୧୯୯୩ରେ ଏହି ସଂଖ୍ୟା ୩୮୦୫ରେ ପହଂଚିଥିଲା । ଆର୍‌ଏନ୍‌ଆଇର ପରିସଂଖ୍ୟାନ ଅନୁସାରେ ୩୧/୩/୨୦୦୬ ସୁଦ୍ଧା ପଂଜିକୃତ ସମ୍ବାଦପତ୍ର (ଦୈନିକ,ସାପ୍ତାହିକ,ପାକ୍ଷିକ,ମାସିକ, ତ୍ରୈମାସିକ, ବାର୍ଷିକ ଇତ୍ୟାଦି)ର ସଂଖ୍ୟା ଥିଲା ୬୨,୪୮୩ ଯେତେବେଳେ କି ଏହି ସଂଖ୍ୟା ୩୧/୩/୨୦୦୫ ସୁଦ୍ଧା ଥିଲା ୬୦,୪୧୩ । ସମ୍ବାଦପତ୍ରର ବିକ୍ରିସଂଖ୍ୟାରେ, ୨୦୦୬ ଓ ୨୦୧୬ ମଧ୍ୟରେ ଶତକଡ଼ା ୬୦ବୃଦ୍ଧି ହୋଇଛି, ୩୯୧ଲକ୍ଷରୁ ୬୨୮ଲକ୍ଷ କପିକୁ ବଢ଼ିଛି । ଆଉ ଏକ ଉଲ୍ଲେଖନୀୟ ଅଥଚ ଅବାଞ୍ଛିତ ବୃଦ୍ଧି ଦେଖାଯାଏ ଅପରାଧୀ ରାଜନେତାଙ୍କ ସଂଖ୍ୟାରେ । ୨୦୦୪ ଲୋକସଭା ନିର୍ବାଚନରେ ଅପରାଧ ମାମଲା ଥିବା ନିର୍ବାଚିତ ସାଂସଦଙ୍କ ସଂଖ୍ୟା ଶତକଡ଼ା ୨୪ (ଶତକଡ଼ା ୧୨ଙ୍କ ନାମରେ ସାଂଘାତିକ ଅପରାଧ ମାମଲା) ହୋଇ ଥିବା ବେଳେ, ୨୦୦୯ ନିର୍ବାଚନରେ ଏହି ଅଂଶ ଶତକଡ଼ା ୩୦(ଶତକଡା ୧୫ଙ୍କ ନାମରେ ସାଂଘାତିକ ଅପରାଧ ମାମଲା)କୁ ଓ ୨୦୧୪ ନିର୍ବାଚନରେ ଏହା ଶତକଡ଼ା ୩୪(ଶତକଡା ୨୧ଙ୍କ ନାମରେ ସାଂଘାତିକ ଅପରାଧ ମାମଲା)କୁ ବୃଦ୍ଧିପାଇଛି । ସବୁଠାରୁ ନୈରାଶ୍ୟଜନକ ଚିତ୍ର ହେଉଛି ଯେ ନିର୍ବାଚନରେ ଅପରାଧୀ ପ୍ରାର୍ଥୀମାନଙ୍କର ବିଜୟୀ ହେବାର ସମ୍ଭାବନା ଅଣଅପରାଧୀ ପ୍ରାର୍ଥୀଙ୍କ ଅପେକ୍ଷା ଅଧିକ, ପ୍ରାୟ ତିନି ଗୁଣ ଓ ଅପରାଧୀ ପ୍ରାର୍ଥୀଙ୍କ ଭିତରେ ସାଂଘାତିକ ଅପରାଧରେ ଜଡିତ ପ୍ରାର୍ଥୀ ମାନଙ୍କର ବିଜୟୀ ହେବାର ସମ୍ଭାବନା ସାଧାରଣ ଅପରାଧରେ ଜଡିତ ପ୍ରାର୍ଥୀଙ୍କ ଅପେକ୍ଷା ସାମାନ୍ୟ ଅଧିକ (When Crime Pays, Money and Muscle in Indian Politics, Milan Vaishnav, 2017) ଆଉ ଏକ ବୃଦ୍ଧି ହେଉଛି କୋଟିପତି ଜନପ୍ରତିନିଧିଙ୍କ ସଂଖ୍ୟାରେ । ନିର୍ବାଚିତ ସାଂସଦଙ୍କ ମଧ୍ୟରେ କୋଟିପତି ସାଂସଦଙ୍କ ସଂଖ୍ୟା ୨୦୦୪ ନିର୍ବାଚନରେ ଶତକଡ଼ା ୩୦ଭାଗ ହୋଇଥିବାବେଳେ, ୨୦୦୯ ନିର୍ବାଚନରେ ଏହା ଶତକଡ଼ା ୫୮ ଓ ୨୦୧୪ ନିର୍ବାଚନରେ ଏହି ଅଂଶ ପହଂଚିଛି ଶତକଡ଼ା ୮୨ରେ (http://www.thehindu.com/news/national/16th-lok-sabha-will-be-richest-have-most-mps-with-criminal-charges/article6022513.ece ) ମୋଦୀଙ୍କ ୭୮ଜଣିଆ ମନ୍ତ୍ରିମଣ୍ଡଳରେ ୭୨ଜଣ କୋଟିପତି ବୋଲି ସମ୍ବାଦ (http://www.hindustantimes.com/india-news/that-s-rich-72-crorepatis-in-narendra-modi-s-council-of-78-ministers/story-KS65vMQAr8oO3Ep) ବୃଦ୍ଧିର ଆଉ ଏକ ଦୃଶ୍ୟ ହେଉଛି କ୍ଷମତାସୀନ ରାଜନୈତିକ ଦଳମାନଙ୍କର ଗତ ଦଶ ବର୍ଷ ଭିତରେ ସମ୍ପତ୍ତିରେ ବୃଦ୍ଧି । ଯେପରି ୨୦୦୪-୫ରେ ଭାରତୀୟ ଜନତାପାର୍ଟିର ସମ୍ପତ୍ତିର ପରିଣାମ ଥିଲା ୧୨୨.୯୩କୋଟି ଯାହା ୨୦୧୫-୧୬ ବେଳକୁ ହେଲା ୮୯୩.୮୮କୋଟି ଟଙ୍କା, ଅର୍ଥାତ୍ ହୋଇଛି ଶତକଡା ୬୨୭.୧୫ ବୃଦ୍ଧି ; ୨୦୦୪-୦୫ରେ କଂଗ୍ରେସ ପାର୍ଟିର ସମ୍ପତ୍ତିର ପରିଣାମ ଥିଲା ୧୬୭.୩୫କୋଟି ଯାହା ୨୦୧୫-୧୬ବେଳକୁ ହେଲା ୭୫୮.୭୯ କୋଟି ଟଙ୍କା, ଅର୍ଥାତ୍ ହୋଇଛି ଶତକଡା ୩୫୩.୪୧ ବୃଦ୍ଧି; ୨୦୦୪-୫ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସିଷ୍ଟ) ବା ସିପିଏମ୍‌ର ସମ୍ପତ୍ତିର ପରିଣାମ ଥିଲା ୯୦.୫୫କୋଟି ଯାହା ୨୦୧୫-୧୬ବେଳକୁ ହେଲା ୪୩୭.୭୮ କୋଟି ଟଙ୍କା, ଅର୍ଥାତ୍ ହୋଇଛି ଶତକଡା ୩୮୩.୪୭ ବୃଦ୍ଧି; ୨୦୦୪-୫ରେ ତୃଣମୂଳ କଂଗ୍ରେସ ପାର୍ଟିର ସମ୍ପତ୍ତିର ପରିଣାମ ଥିଲା ୨୫ ଲକ୍ଷ ଟଙ୍କା ଯାହା ୨୦୧୫-୧୬ ବେଳକୁ ହେଲା ୪୪.୯୯କୋଟି ଟଙ୍କା, ଅର୍ଥାତ୍ ହୋଇଛି ଶତକଡା ୧୭୬ ବୃଦ୍ଧି । ସାତଟି ଜାତୀୟ ରାଜନୈତିକ ଦଳର ହାରାହାରି ସମ୍ପତ୍ତିର ପରିଣାମ ୨୦୦୪-୫ରେ ଥିଲା ୬୧.୬୨ କୋଟି ଟଙ୍କା ଯାହା ୨୦୧୫-୧୬ରେ ହୋଇଗଲା ୩୮୮.୪୫ କୋଟି ଟଙ୍କା, ଅର୍ଥାତ୍ ଶତକଡା ୫୩୦ ବୃଦ୍ଧି (BJP's declared assets increased by 627 per cent in 10 years, says ADR; n... https://adrindia.org/content/bjps-declared-assets-increased-627-cent-10-y..) । ରାଜନୈତିକ ଦଳ କେବଳ ନୁହେଁ ରାଜନୈତିକ ବ୍ୟକ୍ତିମାନଙ୍କର ସମ୍ପତ୍ତିରେ ମଧ୍ୟ ପ୍ରତ୍ୟେକ ନିର୍ବାଚନ ପରେ ବୃଦ୍ଧି ହୁଏ ବୋଲି ମତ ବିଭିନ୍ନ ସମୟରେ ଉଠିଛି (Politicians get richer after every term - Rediff.com http://election.rediff.com/column/2009/apr/10/guest-politicians-get-richer-.) ଯେପରି ଭାରତୀୟ ଜନତା ପାର୍ଟିର ସଭାପତି ଅମିତ ଶାହଙ୍କର ସମ୍ପତ୍ତିରେ ମାତ୍ର ପାଂଚବର୍ଷ ଭିତରେ (୨୦୧୨ରୁ ୨୦୧୭ ଭିତରେ)

ବଢ଼ିଛି ଶତକଡା ୩୦୦, ୮.୫୩ କୋଟି ଟଙ୍କାରୁ ୩୪.୩୧ କୋଟି ଟଙ୍କା । (This is how much Amit Shah's assets grew in 5 years. Find out | Business Insider India https://www.businessinsider.in/This-is-how-much-Amit-Shahs-assets-grew-in-5-years-Find-out/a.....) ନରେନ୍ଦ୍ର ମୋଦୀଙ୍କ କ୍ୟାବିନେଟରେ ଥିବା ମନ୍ତ୍ରୀ ସ୍ମୃତି ଇରାନୀ ମହୋଦୟାଙ୍କର ସମ୍ପ ିରେ ୨୦୧୪ରୁ ୨୦୧୭ ଭିତରେ ବୃଦ୍ଧି ହୋଇଛି ଶତକଡା ୮୦ , ୪.୯୧ କୋଟିରୁ ୮.୮୮ କୋଟି ଟଙ୍କା । ଆଉ ଏକ ଚକ୍ଷୁ ଉନ୍ମେଷକାରୀ ବୃଦ୍ଧି ହେଉଛି ଭାରତୀୟ ବିଲିୟନାୟାର (ଅନ୍ୟୁନ ଶହେ କୋଟି ଆମରିକୀୟ ଡଲାର ମୂଲ୍ୟ ସମ୍ପ ିର ମାଲିକ) ଙ୍କ ସଂଖ୍ୟାରେ । ଏକଦା ବିଶ୍ୱର ବିଲିଅନାୟାର (ଡଲାରରେ)ଙ୍କ ମଧ୍ୟରେ ଭାରତୀୟ ବିଲିଅନାୟାରଙ୍କ ଅଂଶ ଏକ ପ୍ରତିଶତରୁ ପାଂଚ ପ୍ରତିଶତକୁ ବୃଦ୍ଧି ପାଇଛି (https://qz.com/967146/india-is-adding-billionaires-at-an-astonishing-rate/) । ୧୯୮୭ ମସିହାରେ ଫୋର୍ବସ୍ ବିଲନାୟାର ତାଲିକାରେ ମାତ୍ର ଜଣେ ଭାରତୀୟ ଥିଲେ। ସେ ହେଉଛନ୍ତି ବିରଳା ପରିବାର (https://www.forbes.com/sites/seankilachand/2012/03/21/forbes-history-the-original-1987-list-of-international-billionaires/#1a1a97fd447e) ,୧୯୮୯ରେ ମଧ୍ୟ ତାଲିକାରେ ସେହି ବିରଳା ପରିବାର ହିଁ ଥିଲା । ୧୯୯୬ରେ ଦୁଇଜଣ ଥିଲେ, ଲକ୍ଷ୍ମୀ ଚାନ୍ଦ ମି ଲ ଓ ଅମ୍ବାନୀ ପରିବାର ଓ ସେମାନଙ୍କର ସମ୍ପ ିର ପରିମାଣ ଯଥାକ୍ରମେ ଥିଲା ୧୫୦୦ କୋଟି ଓ ୧୧୦୦କୋଟି ଡଲାର । ଜାନୁଆରୀ ୨୦୧୭ରେ ପ୍ରକାଶିତ ଫୋର୍ବସ୍ ବିଲିଅନାୟାର ତାଲିକାରେ ଅଛନ୍ତି ୧୦୧ଜଣ ଭାରତୀୟ; ୨୦୧୦ ମସିହାରୁ ପ୍ରତ୍ୟେକ ୩୩ଦିନରେ ଜଣେ ବିଲିଅନାୟାର ଯୋଡି ହେଉଛନ୍ତି ଏହି ତାଲିକାରେ । ୨୦୧୭ର ଏହି ତାଲିକାରେ ଶୀର୍ଷରେ ଅଛନ୍ତି ମୁକେଶ ଅମ୍ବାନୀ ତାଙ୍କର ସମ୍ପ ିର ପରିମାଣ ହେଉଛି ୨୩ହଜାର ୨୦୦କୋଟି ଡଲାର । ଏହି ମୁକେଶ ଅମ୍ବାନୀ ବାହାରି ପଡିଛନ୍ତି ଗଣମାଧ୍ୟମରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ । କୁହାଯାଉଛି ଯେ ମୁକେଶ ଅମ୍ବାନୀ ‘ମିଡିଆ ମୋଗଲ’ରେ ରୂପାନ୍ତରିତ ହେବାକୁ ପ୍ରସ୍ତୁତ ହୋଇଗଲେଣି (Mukesh Ambani is ready to morph into a media mogul, Mukesh Ambani breaks Rs 4000cr news https://www.telegraphindia.com/1140530/jsp/frontpag e/story_18427804.jsp ) ଅଭିଜ୍ଞ ସାମ୍ବାଦିକ ପି. ସାଇନାଥ ତ କୁହନ୍ତି ଆଗାମୀ ପାଂଚ ବର୍ଷରେ (୨୦୧୬ରୁ) ମୁକେଶ ଅମ୍ବାନୀ ପ୍ରତ୍ୟେକ ସାମ୍ବାଦିକଙ୍କୁ ନିଜର ମାଲିକାନା ଭିତରକୁ ନେଇ ଆସିବେ (Mukesh Ambani could own every journalist in the next five years,Mukesh Ambani could own every journalist in the next five years: P http://www.sify.com/news/mukesh-ambani-could-own-every-journalist-in.) । ଏହା ଏକ ଦୃଷ୍ଟାନ୍ତ ଯେ କିପରି ଗଣମାଧ୍ୟମ କର୍ପୋରେଟଗ୍ରସ୍ତ ହୋଇପଡୁଛି । ରାଜନୀତିରେ ଏହି ବିଲିୟନାୟାର ମାନଙ୍କର ଭୂମିକା ମଧ୍ୟ ପ୍ରତ୍ୟକ୍ଷ ହୋଇଛି । ୨୦୦୯ରେ ଭାଇବ୍ରା ଗୁଜରାଟ ସମ୍ମିଳନୀରେ ଅଧିକାଂଶ ବିଲିୟନାୟାର ଉପସ୍ଥିତ ଥାଇ ପ୍ରସ୍ତାବ ଦିଆଯିବା ଯେ ନରେନ୍ଦ୍ର ମୋଦୀ ଯେପରି ଗୁଜରାଟକୁ ନେତୃତ୍ୱ ଦେଇଛନ୍ତି ସେହିଭଳି ନେତୃତ୍ୱ ଦେଶର ବିକାଶ ପାଇଁ ଭାରତକୁ ଦେବେ (http://www.livemint.com/Opinion/26ByUo73lwEAs0IzoNJh9N/The-real-Modi-story.html) ଓ ପରବ ୀ କାଳରେ (୨୦୧୪) ନରେନ୍ଦ୍ର ମୋଦୀ ଭାରତର ପ୍ରଧାନମନ୍ତ୍ରୀ ହେବା ଇଂଗିତ କରେ ରାଜନୀତି ଉପରେ କର୍ପୋରେଟର ପ୍ରଭାବ । ଏବେ ନରେନ୍ଦ୍ର ମୋଦୀଙ୍କ ସରକାରକୁ ଅମ୍ବାନୀ-ଅଦାନୀଙ୍କ ସରକାର ବୋଲି କହିବା, ଏହି ପ୍ରଭାବ ସମ୍ପର୍କରେ ମୁଖର ଅଭିଯୋଗ । ତା’ ନହେଲେ ମୋଦୀ କାହିଁକି ଏହାକୁ ଖଣ୍ଡନ କରନ୍ତେ ବାରମ୍ବାର ଗୁଜରାଟରେ ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନ ସମୟରେ (Gujarat elections: PM Modi says govt works for the poor, not Ambani, Adani | assembly-elections... http://www.hindustantimes.com/assembly-elections/gu jarat-elections-pm-modi-says-govt-works-...) ? କିନ୍ତୁ ଏକଦା କଂଗ୍ରେସ ଦଳ ଉପରେ ମଧ୍ୟ ମୁକେଶ ଅମ୍ବାନୀଙ୍କର ବେଶ ନିୟନ୍ତ୍ରଣ ଥିଲା ତା ନହେଲେ କାହିଁକି ୨୦୦୯ରେ ପ୍ରଘଟ ହୋଇଥିବା ନୀରା ରାଡିଆ ଟେପରୁ ବାହାରନ୍ତା ଅଟଳ ବିହାରୀ ବାଜପେୟୀଙ୍କ ଜ୍ୱାଇଁ ରଂଜନ ଭଟ୍ଟାଚାର୍ଯ୍ୟ ମୁକେଶ ଅମ୍ବାନୀଙ୍କର ପ୍ରସିଦ୍ଧ ଉକ୍ତିକୁ ଉଦ୍ଧାର କରିବା - “ଆରେ କଂଗ୍ରେସ ତୋ ଅପନୀ ଦୁକାନ ହୈ ।” (Kya Congress Mukesh Ambani Ki Dukaan Hai? https://www.outlookindia.com/website/story/kya-congress-mukesh-ambani-ki-dukaan-hai/282815) କହିବା ବାହୁଲ୍ୟ ଯେ ରାଜନୈତିକ ଦଳ ଓ ଗଣମାଧ୍ୟମ ଉଭୟ ଉପରେ କର୍ପୋରେଟ କ ୃତ୍ୱ ଦୃଶ୍ୟ ହେଉଛି । ପ୍ରାସଂଗିକ ହେବ ଉଲ୍ଲେଖ କରିବା ଯେ ୨୦୧୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଅରୁନ୍ଧତୀ ରାୟ ଏକ ସାକ୍ଷାତକାର ଦେଇ ବୁଝାଇଥିଲେ କିପରି ଆମ ଦେଶରେ

କର୍ପୋରେଟମାନେ ରାଜନୈତିକ ଦଳମାନଙ୍କୁ ଓ ଗଣମାଧ୍ୟମକୁ  ନିୟନ୍ତ୍ରଣ କରୁଛନ୍ତି ଓ କାହିଁକି କର୍ପୋରେଟ ଜଗତ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି ।  (Arundhati Roy explains how corporations run India and why they want Narendra Modi as prime ... https://www.straight.com/life/616401/arundhati-roy-explains-how-corporations-run-india-and)

ଉପରୋକ୍ତ ସୂଚନା ଓ ଆଲୋଚନାରୁ ଏହା ସ୍ପଷ୍ଟ ଯେ ଭାରତୀୟ ରାଜନୀତିରେ ରାଜନୈତିକ ଦଳ ଗୁଡିକର ସଂଖ୍ୟାରେ ଯେପରି ବୃଦ୍ଧି ହୋଇଛି, ଗଣମାଧ୍ୟମରେ ମଧ୍ୟ ଅନୁରୂପ ବୃଦ୍ଧି ହୋଇଛି । ଏହା ମଧ୍ୟ ସ୍ପଷ୍ଟ ଯେ ମୁଖ୍ୟଧାରାର ରାଜନୈତିକ ଦଳଗୁଡିକ କ୍ରମଶଃ ଅଧିକରୁ ଅଧିକ ବି  ଶାଳୀ ହୋଇଥିବା ବେଳେ, ବି  ଶାଳୀ ଓ ଅପରାଧ ଅଭିଯୁକ୍ତଙ୍କ ପାଇଁ ବେଶ୍ ଅନୁକୂଳ ହୋଇଛନ୍ତି । ଅପରପକ୍ଷରେ ମୁଖ୍ୟଧାରାର ଗଣମାଧ୍ୟମ ଓ ରାଜନୈତିକ ଦଳଗୁଡିକ ଉପରେ କର୍ପୋରେଟ ନିୟନ୍ତ୍ରଣ ବଢିଛି ।

***<u>ଗଣମାଧ୍ୟମ, ରାଜନୀତି ଓ କର୍ପୋରେଟର ତ୍ରିଭୂଜ</u>***

ସତେ ଯେପରି ଗଣମାଧ୍ୟମ, ରାଜନୀତି ଓ କର୍ପୋରେଟ ସମ୍ପର୍କର ଏକ ତ୍ରିଭୂଜର ହୋଇଛନ୍ତି ତିନୋଟି ଶୀର୍ଷ ବିନ୍ଦୁ ଓ ପରସ୍ପରର ସ୍ୱାର୍ଥ ରକ୍ଷାରେ ଛନ୍ଦି ହୋଇଛନ୍ତି ଓ ସାଧାରଣ ଜନତା ରହିଛି ଏହି ତ୍ରିଭୂଜ ବାହାରେ, ଗଣମାଧ୍ୟମ ପାଇଁ ଗରାଖଟିଏ  ହୋଇ, ରାଜନୈତିକ ଦଳ ପାଇଁ ଭୋଟରଟିଏ ହୋଇ । ଏପରି ଆୟୋଜନ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଏହା ସ୍ୱାଭାବିକ ଯେ ରାଜନୈତିକ ଦଳ ଓ ବ୍ୟକ୍ତିମାନେ ଚାହିଁବେ ସେମାନଙ୍କ ବିଷୟରେ ଓ ସେମାନଙ୍କ ଦଳ ବିଷୟରେ ସକାରାତ୍ମକ ଧାରଣା ସାଧାରଣ ନାଗରିକଙ୍କ ଭିତରେ ସୃଷ୍ଟି ହେଉ । ସେଥିପାଇଁ ତ ଭାରତୀୟ ସାମ୍ବାଦିକତା ଉପରେ ରାଜନୈତିକ ନିୟନ୍ତ୍ରଣ ମଧ୍ୟ ବୃଦ୍ଧି ପାଉଥିବା ଦେଖାଯାଏ (Indian Journalism Under Increasing Political Control ,https://www.huffingtonpost.com/committee-to-protect-journalists/indian-journalism-under-i_b_4556499.html) । ଅପରପକ୍ଷରେ ଗଣମାଧ୍ୟମଠାରୁ ଆଶା କରାଯାଏ ଯେ ନିରପେକ୍ଷତା ଓ ବସ୍ତୁନିଷ୍ଠତା ରକ୍ଷା କରି ସେମାନେ ରାଜନୈତିକ ସମ୍ବାଦଗୁଡ଼ିକର ପରିବେଷଣ କରିବେ, ରାଜନୈତିକ ପ୍ରତିଶ୍ରୁତିଗୁଡ଼ିକର କାର୍ଯ୍ୟକାରିତା ନେଇ ସଠିକ ଅନୁଶୀଳନ  କରିବେ, ଲୋକଙ୍କ ସମସ୍ୟା ଗୁଡିକର ଉପସ୍ଥାପନ କରିବେ । ଲୋକମାନେ ରାଜନୈତିକ ସ୍ଥିତିର ଓ ରାଜନେତାମାନଙ୍କର ଆଚରଣର ସଠିକ୍ ଚିତ୍ର ପାଇବେ । ଯଦି ଗଣମାଧ୍ୟମର କୌଣସି ଗୋଷ୍ଠୀ ଏହିଭଳି କରେ ଓ ଏହି ପ୍ରକ୍ରିୟାରେ କ୍ଷମତାସୀନ ରାଜନୈତିକ ଦଳ ଓ ବ୍ୟକ୍ତିକୁ ସୁହାଉ ନ ଥିବା ସମ୍ବାଦ ବା ଅନୁଶୀଳନ ପ୍ରକାଶ କରେ ତାହାହେଲେ ସେ କ୍ଷମତାସୀନ ରାଜନୈତିକ ଦଳର ରୋଷର ଶିକାର ହୁଏ ଓ କ୍ଷମତାସୀନ ରାଜନୈତିକ ଦଳ ବା ନେତୃତ୍ୱ ଦ୍ୱାରା  ଉପେକ୍ଷିତ ହୁଏ । କିନ୍ତୁ ଯାହା ଦୃଷ୍ଟି ଆକର୍ଷଣକାରୀ ତାହା ହେଉଛି ସମୁଦାୟ ଗଣମାଧ୍ୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପେକ୍ଷା କରିବା । ତାହାର ନଜିର ହେଉଛି ପ୍ରଧାନମନ୍ତ୍ରୀ ଆସନରେ ତାଙ୍କର ତିନିବର୍ଷ ସାତମାସ ଅତିବାହିତ ହୋଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ କୌଣସି ସାମ୍ବାଦିକ ସମ୍ମିଳନୀ କରି ସାମ୍ବାଦିକଙ୍କୁ ସମ୍ମୁଖୀନ ହୋଇନାହାନ୍ତି ଯାହା ତାଙ୍କର ପୂର୍ବସୂରୀମାନେ ନିୟମିତ କରୁଥିଲେ (Mute Modi: Why Is the PM Terrified of Holding Even a Single Press Conf... https://thewire.in/210691/narendra-modi-press-conference/..)। ଏପରିକି ମନମୋହନ ସିଂହ, ଯାହାଙ୍କୁ ମୌନମୋହନ ସିଂହ କହି ପରିହାସ କରାଯାଏ ସେ ମଧ୍ୟ ନିୟମିତ ସାମ୍ବାଦିକ ସମ୍ମିଳନୀ କରି ବିଭିନ୍ନ ପ୍ରସଙ୍ଗ ଉପରେ ତାଙ୍କର ମତାମତ ରଖୁଥିଲେ, ସାମ୍ବାଦିକଙ୍କର ପ୍ରଶ୍ନର ଉ  ର ଦେଉଥିଲେ । ପ୍ରଧାନମନ୍ତ୍ରୀଙ୍କର ଏତାଦୃଶ ଉପେକ୍ଷା ଗଣମାଧ୍ୟମ ଓ ରାଜନୀତି ମଧ୍ୟରେ ସମ୍ପର୍କର ଅବନତିର ଏକ ଦୃଷ୍ଟାନ୍ତ ବୋଲି କୁହାଯାଇ ପାରେ । ଅବଶ୍ୟ ଗଣମାଧ୍ୟମ ପ୍ରତି ମୋଦୀଙ୍କର ପ୍ରତିକୂଳ ଧାରଣାର ଅନେକ ଦୃଷ୍ଟାନ୍ତ ରହିଛି । ଯେପରି ଗଣମାଧ୍ୟମର ଯେଉଁ ଗୋଷ୍ଠୀଟି ୨୦୧୪ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରୁଥିଲା ବିଶେଷତଃ ୨୦୦୨ ଗୋଧ୍ରା ସାମ୍ପ୍ରଦାୟିକ ଦଙ୍ଗା ସନ୍ଦର୍ଭରେ, ସେହି ଗୋଷ୍ଠୀକୁ ନରେନ୍ଦ୍ର ମୋଦୀ କହୁଥିଲେ ‘news traders’ ଅର୍ଥାତ୍ ‘ସମ୍ବାଦ ବେପାରୀ’ । ଗଣମାଧ୍ୟମଠାରୁ ମୋଦୀ ନିଜକୁ କେବଳ ଦୂରାଇ ରଖନ୍ତି ନାହିଁ, ତାଙ୍କ ଦଳର କାହାରି ଗଣମାଧ୍ୟମ ସହ ସମ୍ପର୍କ ଉପରେ ମଧ୍ୟ ରଖାଯାଏ ତୀକ୍ଷ୍ଣ ନଜର । ଯେପରି ମୋଦୀ ମନ୍ତ୍ରିମଣ୍ଡଳର ଜଣେ ବରିଷ୍ଠ ମନ୍ତ୍ରୀ କୁହନ୍ତି, “ଗୋଟିଏ ସମ୍ବାଦପତ୍ରର ଜଣେ ବରିଷ୍ଠ ସମ୍ପାଦକଙ୍କ ସହ ଏକ ସାଧାରଣ କଥାବା ର୍ । ପରେ, ସେହିଦିନ ଜଣେ ଦଳର ଜଣେ ବଡ଼ ନେତାଙ୍କଠାରୁ ମୁଁ ଫୋନ ପାଇଲି, ସେ ପଚାରୁଥିଲେ ମୁଁ ତାଙ୍କୁ (*ସମ୍ପାଦକଙ୍କୁ*) କଣ କହିଲି । ମୁଁ ବେଶ୍ ଅପ୍ରତିଭ ହୋଇ ପଡିଥିଲି ।” (Mute Modi: Why Is the PM Terrified of Holding Even a Single Press Conf... https://thewire.in/210691/narendra-modi-press-conference/) ଏହିପରି ଉପେକ୍ଷିତ ଭାରତୀୟ

ଗଣମାଧ୍ୟମର ଏକ ବିରାଟ ଅଂଶ ଯେ ମୋଦୀ ଓ ତାଙ୍କ ଦଳକୁ ସମର୍ଥନ କରେ ତାହାହିଁ ହେଉଛି ବିଡ଼ମ୍ବନା । ଏହି ଅଂଶଟିକୁ କେହି କେହି 'ଦରବାରୀ ମିଡ଼ିଆ' ବା ହିନ୍ଦୀରେ 'ଗୋଦୀ ମିଡିଆ' ଇଂରାଜୀରେ Embeded journalism ବୋଲି କହୁଛନ୍ତି । ଗଣମାଧ୍ୟମର ଏହି ଅଂଶଟି ଏପରି ସାମ୍ବାଦିକତାର ଧର୍ମଠାରୁ ଦୂରାଇ ଯାଇଛି ଯେ ଗଣମାଧ୍ୟମର ବିଶ୍ୱସନୀୟତାକୁ ପ୍ରଶ୍ନ କରାଯିବା ଆରମ୍ଭ ହୋଇଯାଇଛି । ଅନେକେ ଏହାର କାରଣ ଭୟ ବୋଲି ଦର୍ଶାଉଛନ୍ତି ଯାହାକୁ ଖାରିଜ କରାଯାଇ ନପାରେ । ଏନ୍‌ଡିଟିଭି ଉପରେ ଇନକମଟ୍ୟାକ୍ସ ଚଢଉ, ବା ୨୪ଘ । ପାଇଁ ତାଙ୍କ ପ୍ରସାରଣ ଉପରେ ରହିତାଦେଶର ନୋଟିସ ନିଶ୍ଚିତ ଭାବରେ ଭୟ ଉଦ୍ରେକକାରୀ, ବିଶେଷତଃ ସେହି ମାନଙ୍କ ପାଇଁ ଯେଉଁମାନଙ୍କର ପରିଚାଳନା କର୍ପୋରେଟ ଢାଂଚାରେ ବା ଯେଉଁମାନେ କର୍ପୋରେଟ ମାଲିକାନା ଦ୍ୱାରା ପରିଚାଳିତ ଓ ତେଣୁ ବିଭିନ୍ନ ଦିଗରୁ ସରକାରୀ ନିୟନ୍ତ୍ରଣ ଭିତରେ । ଗଣମାଧ୍ୟମ କେତେଦୂର କର୍ପୋରେଟଗ୍ରସ୍ତ ହୋଇଛି ତାହାର ପୁନରାବୃ ିର ଆବଶ୍ୟକତା ନାହିଁ । ବିଜ୍ଞାପନ ପ୍ରତ୍ୟାହାର ହୋଇଯିବାର ଭୟ ତ ଆଉ ଗୋଟିଏ । କିନ୍ତୁ ଯେପରି ବରିଷ୍ଠ ସାମ୍ବାଦିକ ଶେଖର ଗୁପ୍ତା କୁହନ୍ତି, "ଆଜି ବେଳେବେଳେ ଲାଗେ ଯେ ଲୋକମାନେ ଗୁରୁଣ୍ଡିବାକୁ ପ୍ରସ୍ତୁତ ହୋଇଯାଉଛନ୍ତି ଯେତେବେଳେ ତାଙ୍କୁ କେହି ନଇଁବା ପାଇଁ ବି କହୁ ନାହିଁ ।" (https://scroll.in/article/694576/Shekhar-Gupta:-'The-media-is-willing-to-crawl-when-nobody-is-even-asking-it-to-bend') ଏହିଭଳି ଏକଦା କହିଥିଲେ ଲାଲକୃଷ୍ଣ ଆଦଓ୍ୱାନୀ, ଇନ୍ଦିରା ଗାନ୍ଧୀଙ୍କ  ଜରୁରୀକାଳୀନ ପରିସ୍ଥିତି ବେଳେ ଗଣମାଧ୍ୟମର ଆଚରଣ ସମ୍ପର୍କରେ, ଯେ "ଜରୁରୀକାଳୀନ ପରିସ୍ଥିତି ବେଳର ଗଣମାଧ୍ୟମ, ନଇଁବାକୁ କୁହାଗଲା ବେଳେ, ସେମାନେ ଗୁରୁଣ୍ଡି ଥିଲେ । " ("the press in the Emergency, when asked to bend, they crawled"।) ତାହାହେଲେ ବ ର୍ମାନର ରାଜନୈତିକ ପରିସ୍ଥିତିର ଚିତ୍ର କଣ ଜରୁରୀକାଳୀନ ପରିସ୍ଥିତିଠାରୁ ଏତେ ଅଧିକ ଭୀତପ୍ରଦ ଯେ ନିର୍ଦ୍ଦେଶର ଆଉ ଆବଶ୍ୟକତା ନାହିଁ ଚିତ୍ର ହିଁ ଯଥେଷ୍ଟ ହୋଇଛି ସାମ୍ବାଦିକକୁ ଗୁରୁଣ୍ଡାଇ ଦେବା ପାଇଁ ? କହିବା ବାହୁଲ୍ୟ ଯେ ଗଣମାଧ୍ୟମର ଆଚରଣ ମଧ୍ୟ ରାଜନୈତିକ ପରିବେଶ ସମ୍ପର୍କରେ ସୂଚନା ଦେଇପାରେ । ସମ୍ବାଦିକମାନଙ୍କର ଏହିଭଳି ଆଚରଣର କାରଣ ସମ୍ପର୍କରେ ଆଉ ଏକ ମତ ଶୁଣାଯାଏ ଯେ ଯେଉଁ ଉଚ୍ଚହାରରେ ଉଚ୍ଚପଦବୀରେ ଥିବା ସାମ୍ବାଦିକମାନେ ଦରମା ପାଉଛନ୍ତି ସେମାନେ ସରକାରଙ୍କୁ ସୁହାଉ ନ ଥିବା ସମ୍ବାଦ କଣ ପରିବେଷଣ କରିପାରିବେ ? ମୁହଁରେ ହାଡ଼ ଥିଲେ କି ଭୁକି ହୁଏ ? ବରିଷ୍ଠ ହିନ୍ଦୀ ସାମ୍ବାଦିକ ଏନ୍ କେ ସିଂହ ପଚାରନ୍ତି- ଜଣେ ସମ୍ପାଦକ ଯଦି ଦଶବର୍ଷ ସାମ୍ବାଦିକତା କଲାପରେ, ରାଜ୍ୟସଭା ସଦସ୍ୟ ହେବାପାଇଁ ମନ୍ତ୍ରୀମାନଙ୍କ ପଛରେ ଗୋଡାଏ, ଲକ୍ଷାଧିକ ଟଙ୍କା ସମ୍ପାଦକ ଭାବେ ଦରମା ନିଏ ସେତେବେଳେ ତାର ମେରୁଦଣ୍ଡରେ ଶକ୍ତି କେଉଁଠୁ ଆସିବ, ଦଶ ଲକ୍ଷ ଟଙ୍କା ଦରମା ନେଲେ ସେ ସନ୍ଥ କେଉଁଠୁ ହେବ ? (ଭାରତୀୟ ପତ୍ରକାର ଗୋଲାମୀ କରୁଛନ୍ତି-ଏନ୍ କେ ସିଂହ, NK SINGH, REMARKS ON INDIAN JOURANILST, https://www.youtube.com/watch?v=NWa0M0wf_i0 )

***<u>ୱେବ ପ୍ରକାଶନରେ ସମ୍ଭାବନା</u>***

ମୁଖ୍ୟଧାରାର ଗଣମାଧ୍ୟମକୁ ନେଇ ଯେତେବେଳେ ସୃଷ୍ଟି ହୋଇଛି ଏକ ନୈରାଶ୍ୟଜନକ ସ୍ଥିତି, ଏହାର ବିଶ୍ୱସନୀୟତା ଉପରେ ବିରାଟ ପ୍ରଶ୍ନ ଚିହ୍ନ ଲାଗିଛି, ଏହା ଅଧିକରୁ ଅଧିକ ନିରପେକ୍ଷ, ବସ୍ତୁନିଷ୍ଠ ସମ୍ବାଦ ଓ ଅନୁଶୀଳନର ପ୍ରସାରଣଠାରୁ ଦୂରେଇ ଯାଇ  ଅସତ୍ୟ, ଭି ହୀନ କୌଣସି ଏକ ଗୋଷ୍ଠୀ ବା ଦଳର ପ୍ରଚାରରେ ବ୍ୟବହୃତ ହେଉଛି, ପାଠକ ବା ଦର୍ଶକକୁ ବିଭ୍ରାନ୍ତ କରିବାର ଯୋଜନାରେ ସକ୍ରିୟ ଅଛି, ସେତିକିବେଳେ ମୁଖ୍ୟତଃ ସାଧାରଣ ଲୋକଙ୍କ ଚାନ୍ଦା (crowdfunding) ସାହାଯ୍ୟରେ  କିଛି ୱେବ ପ୍ରକାଶନ (ଯେପରି ଦି ଓ୍ୱାୟାର (The Wire), ସ୍କ୍ରଲ.ଇନ (Scroll.in), ନ୍ୟୁଜଲଣ୍ଡ୍ରୀ (Newslaundry), ମେଡିଆ ଭିଜିଲ (Media Vigil), ଅଲ୍ଟ ନ୍ୟୁଜ (Alt News), ଦି ହୁଟ (The Hoot) ଆଦି) ଇ  ରନେଟରେ ଉପଲବ୍ଧ ହେବା  ଏକ ସୁଖକର ଅନୁଭୂତି । ମୁଖ୍ୟଧାରାର ଗଣମାଧ୍ୟମ ଦ୍ୱାରା ଅହୋରାତ୍ର ହେଉଥିବା ଅସତ୍ୟ ଓ ଉ  ର ସତ୍ୟ ଉଚ୍ଚାରଣ ତଥା ପ୍ରକାଶନର ବିଷାକ୍ତ ପ୍ରଭାବକୁ ଏହି ୱେବ ପତ୍ରିକାଗୁଡ଼ିକ କିଛିଟା ପ୍ରତିହତ କରୁଛନ୍ତି – ସଠିକ ସମ୍ବାଦ ଓ ବସ୍ତୁନିଷ୍ଠ ଅନୁଶୀଳନର ନିଷ୍ପାପର ପରିବେଷଣପୂର୍ବକ । ଏହି ଉଦ୍ୟମକୁ ପ୍ରତ୍ୟେକ ସତ୍ୟସନ୍ଧାନୀ, ମାନବିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ନାଗରିକ ସ୍ୱାଗତ କରିବା ଉଚିତ ।

ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଏହିଭଳି ସତ୍ୟନିଷ୍ଠ ପ୍ରକାଶନ ସଂସ୍ଥା ଗୁଡିକୁ ହଇରାଣ କରିବା, ନୀରବ କରାଇବା ଓ ସେନ୍ସର କରାଇବାର ଉଦ୍ୟମ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତରଫରୁ ଆରମ୍ଭ ହୋଇଗଲାଣି । ଆଇନ ନୋଟିସ ପଠାଇବା ଓ ଭାରତର ବିଭିନ୍ନ ଅଦାଲତରେ ମକଦ୍ଦମା କରିଦେବା ଏହି ଗୋଷ୍ଠୀଙ୍କର ଏକ ବଡ଼ ରଣନୀତି ହୋଇଛି, ଯାହାକୁ ଆଇନ ଅଭିଧାନରେ କୁହାଯାଏ Strategic Lawsuit Against Public Participation (SLAPP) ବା 'ଜନଗଣଙ୍କର ଯୋଗଦାନ ବିରୋଧରେ ମାମଲା ରଣନୀତି' ।

ଉପର୍ଲ୍ଲିଖିତ ୱେବ ପ୍ରକାଶନ, ଦି ୱାୟାର, ନାମରେ ଗତବର୍ଷ ଦୁଇ ଦୁଇଟି ମାନହାନୀ ମକଦ୍ଦମା ଦାଏର ହୋଇଛି, ଗୋଟିଏ ପ୍ରଭାବୀ ବିଲିୟନାୟାର ଶିଳ୍ପପତି ଗୌତମ ଅଦାନୀଙ୍କ ଦ୍ୱାରା, ଶହେ କୋଟି ଟଙ୍କାର ମାନହାନୀ ମକଦ୍ଦମା ଓ ଅନ୍ୟଟି ସମାନ ମୂଲ୍ୟର ମାନହାନୀ ମକଦ୍ଦମା, ଭାରତୀୟ ଜନତା ପାର୍ଟିର ଜାତୀୟ ସଭାପତି ଅମିତ ଶାହଙ୍କ ପୁତ୍ର ଜୟ ଶାହଙ୍କ ଦ୍ୱାରା । ଉଲ୍ଲେଖ ଯୋଗ୍ୟ ଯେ ଏହି ଦୁଇଟି ମାମଲାରେ ଦି ୱାୟାରର ହିଁ ବିଜୟ ହୋଇଛି (Adani Loses Defamation Case Against The Wire & Economic And Political Weekly https://thelogicalindian.com/legal/adani-group-defamation-case-epw-wire) । ଅଦାନୀଙ୍କର ମାମଲା ଧମକରେ ଯେତେବେଳେ ପ୍ରତିଷ୍ଠିତ ସାପ୍ତାହିକ Economic and Political weekly (EPW) ବିତର୍କିତ ପ୍ରବନ୍ଧକୁ ପ୍ରକାଶନରୁ ବାହାର କରିଦେଲା ଓ ସମ୍ପାଦକ ପରନ୍‌ଜୟ ଗୁହାଠାକୁରତା ନିଜ ପଦରୁ ଇସ୍ତଫା ଦେବା ପାଇଁ ବାଧ୍ୟ ହେଲେ, ସେତେବେଳେ ଲୋକଙ୍କ ଚାନ୍ଦାରେ ପ୍ରକାଶିତ ହେଉଥିବା ଦି ୱାୟାର, ସେହି ପ୍ରବନ୍ଧକୁ ତାର ପ୍ରକାଶନରେ ସ୍ଥାନଦେଇ ବି ଶାଳୀ, ପ୍ରଭାବଶାଳୀ ଅଦାନୀକୁ ସାମନା କରିବାର ସାହସ ଦେଖାଇଲା ଏହା ବୋଧହୁଏ ଗଣମାଧ୍ୟମ ଜଗତରେ ଏକ ଅନୁକରଣୀୟ ଉଦାହରଣ । ବୋଧହୁଏ ଏହା ଏକ ଉଦାହରଣ ଯେଉଁଠି କର୍ପୋରେଟ ଓ କ୍ଷମତାସୀନ ରାଜନୈତିକ ଶକ୍ତି ଉଭୟେ ପ୍ରକାଶନର କଣ୍ଠରୋଧ କରିବାର ଚେଷ୍ଟା କରିଛନ୍ତି ଯାହାକୁ ପ୍ରକାଶନ ଦୃଢ଼ତାର ସହ ସାମନା କରିଛି, ସମସ୍ତ ଆର୍ଥିକ ସୀମିତତା ସ ୍ୱ ଓ ସଫଳ ହୋଇଛି ।

ତେବେ କଣ୍ଠରୋଧ କରିବାର ଉଦ୍ୟମ କିଛି ନୂଆ ନୁହେଁ । ସ୍ମରଣକରାଯାଇ ପାରେ ଯେ ସମ୍ବିଧାନ ହେବାର ମାତ୍ର ଦୁଇ ତିନି ମାସ ଭିତରେ ଦୁଇ ଜଣ ସାମ୍ବାଦିକଙ୍କର ପ୍ରକାଶନର ପ୍ରସାରଣ ଉପରେ ଅଙ୍କୁଶ ଜାରି କରା ଯାଇଥିଲା । ପ୍ରକାଶନ ଦୁଇଟି ଥିଲା ଇଂରାଜୀ ସାପ୍ତାହିକ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘର ମୁଖପତ୍ର Organizer (Brij Bhushan And Anr. vs The State Of Delhi on 2 March, 1950) ଓ ବାମପନ୍ଥୀ ପତ୍ରିକା Cross Roads (Romesh Thappar vs The State Of Madras on 26 May, 1950) । ଅବଶ୍ୟ ତତ୍କାଳୀନ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହି ରହିତାଦେଶକୁ ବେଆଇନ ବୋଲି ରାୟ ଦେଇଥିଲେ । ଏହା ପରେ ହିଁ ସମ୍ବିଧାନର ଧାରା ୧୯ରେ ଯୋଡ଼ା ଗଲା କିଛି ବ୍ୟବସ୍ଥା (reasonable restrictions) ଓ ଏତଦ୍ୱାରା ହେଲା ସମ୍ବିଧାନର ପ୍ରଥମ ସଂଶୋଧନ । ପ୍ରଖ୍ୟାତ ସାମ୍ବାଦିକ,The Searchlightର ସମ୍ପାଦକ  T J S Georgeଙ୍କୁ ତ କେ ବି ସହାୟଙ୍କ ବିହାରରେ କିଛି ଦିନ ଜେଲରେ ରହିବାକୁ ପଡ଼ିଥିଲା । ଏହାଙ୍କ ସପକ୍ଷରେ ମକଦ୍ଦମା ଲଢ଼ିବାକୁ ଆସିଥିଲେ ଏକଦା ଭାରତର ପ୍ରତିରକ୍ଷା ମନ୍ତ୍ରୀ ଭି କେ କ୍ରିଷ୍ଣମେନନ ।

କ୍ଷମତାସୀନ ରାଜନୈତିକ ଦଳ ଓ କର୍ପୋରେଟ ଦ୍ୱାରା ସତ୍ୟ ଓ ବସ୍ତୁନିଷ୍ଠ ସାମ୍ବାଦିକତାର କଣ୍ଠରୋଧ ଯେ ସଫଳ ହୋଇ ନାହିଁ ବା ହେବ ନାହିଁ ଏହି ବିଶ୍ୱାସ ସହ ଏହି ବିଷୟବସ୍ତୁ ସମ୍ପର୍କରେ ଆଲୋଚନାକୁ ସମାପ୍ତ କରାଯାଇପାରେ ।

***(୧୦ ଜାନୁଆରୀ ୨୦୧୮, ଅଶୋକ ବାବୁ ସ୍ମାରକୀ ଆଲୋଚନା ସଭାରେ ଉପସ୍ଥାପିତ ବକ୍ତବ୍ୟର ସମ୍ପ୍ରସାରିତ ଓ ସମ୍ପାଦିତ ସଂସ୍କରଣ)***